# ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ, ମାହାରୀ ସେବା : ଏକ ଐତିହାସିକ ସମୀକ୍ଷା

● ଡକ୍ଟର ହରିହର କାନୁନ୍‌ଗୋ

ସୋନପୁରରେ ପାତାଳି ହୋଇଥିବା ଜଗନ୍ନାଥଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ପୁରୀକୁ ସ୍ଥାନାନ୍ତରିତ କରି ୩୮ ହାତର ପଟୋଳରେ ପ୍ରତିଷ୍ଠା କରିବା ପରେ ତାହାଙ୍କ ଉପାସନାରେ ଯେଉଁ ସବୁ ବିଧିବିଧାନର ବ୍ୟବସ୍ଥା କରାଯାଇଥିଲା, ତନ୍ମଧ୍ୟରେ 'ମହାପ୍ରସାଦ' ସେବା ଅନ୍ୟତମ । ବହୁ ପ୍ରାଚୀନ କାଳରୁ ପୁରୀଧାମ ଶ୍ରୀକ୍ଷେତ୍ର ଏକ ପରମପାବନ କ୍ଷେତ୍ର ରୂପେ ପ୍ରାଧାନ୍ୟ ଲାଭ କରି ଆସିଛି । ଏହି କ୍ଷେତ୍ରର ଅଧିପତି ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଆଜି ପୃଥିବୀ ବିଖ୍ୟାତ । ଭାରତର ଅନ୍ୟାନ୍ୟ ମନ୍ଦିରରେ ଦେବଦେବୀଙ୍କୁ ଅର୍ପିତ ନୈବେଦ୍ୟକୁ 'ପ୍ରସାଦ' କୁହାଯାଉଥିବା ବେଳେ ଦାରୁବିଗ୍ରହ ଶ୍ରୀଜଗନ୍ନାଥଙ୍କୁ ଅର୍ପିତ ନୈବେଦ୍ୟକୁ 'ମହାପ୍ରସାଦ' କୁହାଯାଏ । ତେଣୁ ଭାରତବର୍ଷରେ କେବଳ ପୁରୀ ଶ୍ରୀଜଗନ୍ନାଥଙ୍କ ଅନ୍ନଭୋଗକୁ ଲୋକେ ମହାପ୍ରସାଦ ରୂପେ ଛୁଆଁ ଅଛୁଆଁ ଓ ଶଙ୍ଖୁଡ଼ି ବା ଅଇଁଠା ବାରଣ ନରଖି ସେବନ କରିଥାନ୍ତି । ଏହି ମହାପ୍ରସାଦର ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କରିବାକୁ ଯାଇ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଉଲ୍ଲେଖ କରିଛନ୍ତି, 'ସନାତନ ହିନ୍ଦୁ ଜଗତର ମୁଖ୍ୟ ଚତୁର୍ଦ୍ଧାମ ରାମେଶ୍ୱର, ଜଗନ୍ନାଥ, ବଦ୍ରୀ, ଦ୍ୱାରକା ଭିତରେ ଜଗନ୍ନାଥ ଧାମ ହିଁ ବହୁଜନ ଆକାଙ୍‌କ୍ଷିତ । ଏହାର ଭୌଗୋଳିକ ଅବସ୍ଥିତି ବହୁ ଜନସମାଗମର ପ୍ରଧାନ କାରଣ । ବିଶେଷତଃ ଏଠାରେ ମହାପ୍ରସାଦ ସେବନରେ ଜାତିଧର୍ମ ନିର୍ବିଶେଷରେ ସମସ୍ତଙ୍କର ପଙ୍‌କ୍ତି ଭୋଜନ ଅଧିକାର ଓ ଏଥିରେ ନିର୍ବିକାରତ୍ୱ ଏହି ଜନପ୍ରିୟତାର ଅନ୍ୟ ଏକ ବିଶିଷ୍ଟ କାରଣ । ନୈଷ୍ଠିକ ବ୍ରାହ୍ମଣ, କ୍ଷତ୍ରିୟ ଓ ଶୂଦ୍ର ସମସ୍ତେ ନିର୍ବିକାର ଚିତ୍ତରେ ଜଗନ୍ନାଥଙ୍କ ମହାପ୍ରସାଦ ସେବନ କରି ଓ ଉଚ୍ଛିଷ୍ଟ ଗ୍ରହଣ କରି ନିଜକୁ ପରମ ଭାଗ୍ୟବାନ ମନେ କରନ୍ତି । କାୟମନୋବାକ୍ୟରେ ଜାତିଭେଦ ପ୍ରଥାକୁ ଦୂରରେ ରଖି ଜାତିବର୍ଣ୍ଣ ନିର୍ବିଶେଷରେ ସମବେତ ଭକ୍ତ ମେଳରେ ଆନନ୍ଦ ଓ ନିର୍ମଳ ଚିତ୍ତରେ ଅନ୍ନପ୍ରସାଦ ସେବନ କରି ନିଜକୁ ଧନ୍ୟ ମନେ କରେ ଏବଂ ପରମୁଖରେ ମହାପ୍ରସାଦ ଅନ୍ନ ଦେଇ ସେଥିରୁ କିଛି ଉଚ୍ଛିଷ୍ଟ ଅଂଶ ଆଣି ନିଜେ ସେବନ କରି ନିଜକୁ ଅଧିକ ପବିତ୍ର ମଧ୍ୟ ମନେ କରେ । ଏହି ଏକତ୍ୱଭାବ, ଏହି ଭ୍ରାତୃଭାବ, ହିନ୍ଦୁ ଜଗତର ଐକ୍ୟ ଓ ଅଖଣ୍ଡତା ପ୍ରତିପାଦିତ କରୁଛି । ଏହା ସଂଗେ ସଂଗେ ମାନବଧର୍ମର ଉଦାରତା ମଧ୍ୟ ପ୍ରତିପାଦନ କରୁଛି ।'[୧] ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ଉଚ୍ଛିଷ୍ଟ ବିଚାର ନ କରି ଏକତ୍ର ମହାପ୍ରସାଦ ସେବନ କରିବାର ପରଂପରାଟି ଜଗନ୍ନାଥ ଉପାସନାରେ କେବେ ଓ କାହିଁକି ସ୍ଥାନ ପାଇଥିଲା, ତାହା ନିର୍ଣ୍ଣୟ କରିବା ଏକ କଷ୍ଟକର ବ୍ୟାପାର ହୋଇଥିଲେ ହେଁ ଅସାଧ୍ୟ ନୁହେଁ । ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ମତରେ ଜଗନ୍ନାଥଙ୍କ ଠାରେ ଅନ୍ନ ମହାପ୍ରସାଦ ଓ ପୂଜାବିଧି ବର୍ତ୍ତମାନ ଯେପରି ଚାଲୁଛି, ତାହାସବୁ ଯଯାତି କେଶରୀ ବିଧାନ କରାଇଥିଲେ । ପୁଣି 'ଜଗନ୍ନାଥ କୈଫିୟତ୍' ଗ୍ରନ୍ଥରେ ମହାପ୍ରସାଦ ମାହାତ୍ମ୍ୟ ସମ୍ବନ୍ଧରେ ଯେଉଁ କିମ୍ବଦନ୍ତୀଟି ଉଲ୍ଲେଖ କରାଯାଇଛି, ସେଥିରୁ ଜଣାଯାଏ ଯେ ଯଯାତି କେଶରୀଙ୍କ ସମୟରୁ ମହାପ୍ରସାଦର ପ୍ରଚଳନ ହୋଇଥିଲା ।[୨]

ସୋମବଂଶୀ ରାଜା ଯଯାତି କେଶରୀ ଓଡ଼ିଶା ଜୟ କରିବା ସମୟରେ ଓଡ଼ିଶାରେ ତନ୍ତ୍ର ଉପାସନା ପ୍ରଚାର ଓ ପ୍ରସାର ଲାଭ କରି ବଳବତ୍ତର ହୋଇ ରହିଥିଲା । ସୋମବଂଶୀମାନେ ନିଜେ ଶୈବଧର୍ମାବଲମ୍ବୀ ଥିଲେ । ମାତ୍ର ସେମାନଙ୍କ ପୂର୍ବରୁ ଭୌମକରମାନଙ୍କ ପ୍ରୋତ୍ସାହନରେ ଶିବପୂଜା, ଶକ୍ତିପୂଜା ଓ ତନ୍ତ୍ରବାଦ ଲୋକପ୍ରିୟ ହୋଇ ରାଷ୍ଟ୍ରଧର୍ମର ମର୍ଯ୍ୟାଦା ଲାଭ କରିସାରିଥିଲା । ସୁତରାଂ ଯଯାତି ପୁରୀରେ ଜଗନ୍ନାଥଙ୍କୁ ପ୍ରତିଷ୍ଠା କରାଇ ତାଙ୍କ ପୂଜା ଉପାସନାର ବିଧିବିଧାନମାନ ପ୍ରଚଳନ କରିବା ସମୟରେ ତାନ୍ତ୍ରିକ ମତବାଦକୁ ସ୍ୱୀକୃତି ଓ ସମ୍ମାନ ଦେଇ ତଦନୁଯାୟୀ ପୂଜା ଉପାସନାର ବ୍ୟବସ୍ଥା କରିଥିଲେ । ତାନ୍ତ୍ରିକ ମତବାଦରେ ଜଗନ୍ନାଥଙ୍କୁ ଭୈରବ ଓ ଦେବୀ ବିମଳାଙ୍କୁ ଭୈରବୀ ରୂପେ ଗ୍ରହଣ କରାଯାଇଥାଏ । ମତ୍ସ୍ୟପୁରାଣ, ହେବଜ୍ରତନ୍ତ୍ର, ଉଡ୍‌ଡ୍ରୀୟାନତନ୍ତ୍ର ଓ ଦେବୀଭାଗବତ ଆଦି ଗ୍ରନ୍ଥଗୁଡ଼ିକରେ ଏ ସଂପର୍କରେ ଉଲ୍ଲେଖ ଅଛି –

**ଉତ୍କଳେ ନାଭିଦେଶଶ୍ଚ ବିମଳା ପୁରୁଷୋତ୍ତମେ**

**ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ ।**

ଏଇଥି ପାଇଁ ଶ୍ରୀମନ୍ଦିରର ରତ୍ନସିଂହାସନ ତଳେ ଭୈରବୀ ଚକ୍ର ଅଙ୍କିତ ହୋଇଛି । ଶ୍ରୀଜଗନ୍ନାଥ ଶ୍ରୀଚକ୍ର ଉପରେ ପ୍ରତିଷ୍ଠିତ । ଏହି ରତ୍ନସିଂହାସନରେ ଗୋଟିଏ ଭୈରବ ବିଗ୍ରହ ରଖାଯାଇଥିଲା । ପରବର୍ତ୍ତୀ କାଳରେ ଏହି ବିଗ୍ରହକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ଜେମସ୍ ହଣ୍ଟରଙ୍କ ୬.୧୨.୧୮୦୬ ମସିହାର ଏକ ରିପୋର୍ଟରୁ ଜଣାପଡ଼େ ।[୩] ତେଣୁ ତାନ୍ତ୍ରିକ ପରଂପରା ଅନୁଯାୟୀ ଯଯାତିକେଶରୀ ଜଗନ୍ନାଥଙ୍କୁ ତନ୍ତ୍ରର ଦେବତା ରୂପେ ପୁରୀରେ ପ୍ରତିଷ୍ଠିତ କରାଇଥିଲେ । ଏହି ତାନ୍ତ୍ରିକ ପରଂପରା ବୌଦ୍ଧଯୁଗରୁ ବଜ୍ରଯାନକୁ ଆଶ୍ରୟ କରି ଗଢ଼ି ଉଠିଥିଲା । ଏହି ପରଂପରାନୁସାରେ ଜଗନ୍ନାଥଙ୍କୁ ସମର୍ପିତ କୌଣସି ପ୍ରସାଦ ସେବନରେ ଜାତି ବର୍ଣ୍ଣ ଧର୍ମ ବା ସ୍ପୃଶ୍ୟାସ୍ପୃଶ୍ୟ ଦୋଷର ବିଚାର ରହେ ନାହିଁ । ଏ ସଂପର୍କରେ 'ହେବଜ୍ରତନ୍ତ୍ର' ଏବଂ 'ଗୁହ୍ୟସିଦ୍ଧି' ଗ୍ରନ୍ଥରୁ ଉଦ୍ଧାର କରି ପ୍ରଫେସର ପ୍ରହ୍ଲାଦ ପ୍ରଧାନ ଉଲ୍ଲେଖ କରିଛନ୍ତି : 'The practice by devotees of taking food offered to the Panchen Lama has some similarity with the communal eating of food offered to lord Jagannath by the devotees of the Hindu community, irrespective of caste. I think it is the remnant of a Buddhist practice of the Tantric period, still lingering at the Puri temple. Food at the Puri temple is not polluted by the touch of a person of any caste, even if it is left over after eating and thrown on the road. It is called 'nirmalya' or un sullied.[୪]

ଶ୍ରୀଜଗନ୍ନାଥଙ୍କୁ ତାନ୍ତ୍ରିକ ଦେବତା ରୂପେ ଓଡ଼ିଶାର ଧାର୍ମିକ ପରଂପରାରେ ଗ୍ରହଣ କରାଯାଇଛି । ତାଙ୍କ ପୂଜା ଅର୍ଚ୍ଚନା ଓ ପର୍ବପର୍ବାଣୀରେ ଏହି ତାନ୍ତ୍ରିକତା ପ୍ରତିଫଳିତ । ଶାକ୍ତ ମତାନୁଯାୟୀ ଭୈରବରୂପୀ ଜଗନ୍ନାଥଙ୍କ ନିକଟରେ ଅର୍ପିତ ପ୍ରସାଦ ଭୈରବୀ ବିମଳାଙ୍କ ନିକଟରେ ସମର୍ପିତ ହେଲେ ତାହା ମହାପ୍ରସାଦ ହୋଇଥାଏ । ଏହି ପରଂପରାକୁ ସମ୍ମାନ ଦେଇ ଯଯାତି କେଶରୀ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ୩୮ ହାତର ପଟୋଳ ନିର୍ମାଣ କରିବା ସଂଗେ ସଂଗେ ତାହାର ନୈଋତ କୋଣରେ ବିମଳାଙ୍କ ପାଇଁ ୧୮ ହାତର ମନ୍ଦିର ମଧ୍ୟ ତୋଳାଇଥିଲେ । ଯଯାତିଙ୍କ ବ୍ୟବସ୍ଥାନୁଯାୟୀ ଜଗନ୍ନାଥଙ୍କ ନିକଟରେ ଅର୍ପିତ ପ୍ରସାଦ ବିମଳାଙ୍କ ନିକଟରେ ସମର୍ପିତ ହେଲେ ତାହା ମହାପ୍ରସାଦ ହୋଇଥାଏ । ପୂର୍ବରୁ କୁହାଯାଇଛି ଯେ ଶ୍ରୀଜଗନ୍ନାଥ ଭୈରବୀ ଚକ୍ର ଉପରେ ପ୍ରତିଷ୍ଠିତ । ଭୈରବୀ ଚକ୍ର ଉପରେ ପ୍ରତିଷ୍ଠିତ ଥିବା ବେଳେ ଏହାଙ୍କ ନିକଟରେ ଯେଉଁ ପ୍ରସାଦ ଅର୍ପିତ ହୁଏ, ତାହା ସ୍ପୃଶ୍ୟାସ୍ପୃଶ୍ୟ ଦୋଷରେ ଦୂଷିତ ହୁଏ ନାହିଁ । ଏ ସଂପର୍କରେ ମତ ଦେବାକୁ ଯାଇ ସାର୍ ଜନ୍ ଉଡ୍‌ରଫ୍ ସାହେବ ନିମ୍ନମତେ ଉଲ୍ଲେଖ କରିଛନ୍ତି : 'During the Cakra all eat, drink and worship together, there being no distinction of caste.' । କୁଳାର୍ଣ୍ଣବ ତନ୍ତ୍ରରେ ସେହିଭଳି ଉଲ୍ଲେଖ ଅଛି ଯେ, ଭୈରବୀ ଚକ୍ରରେ ପ୍ରବୃତ୍ତ ହେଲେ ସମସ୍ତ ଜାତି ଏକ ଜାତି ପରି ହୁଅନ୍ତି । କିନ୍ତୁ ଭୈରବୀ ଚକ୍ରରୁ ନିବୃତ୍ତ ହେଲେ ସମସ୍ତ ଜାତି ପୃଥକ୍ ପୃଥକ୍ ହୁଅନ୍ତି ।

**ପ୍ରବୃତ୍ତେ ଭୈରବୀଚକ୍ରେ ସର୍ବେ ବର୍ଣ୍ଣାଃ ଦ୍ୱିଜାତୟଃ ।**

**ନିବୃତ୍ତେ ଭୈରବୀ ଚକ୍ରେସର୍ବେ ବର୍ଣ୍ଣାଃ ପୃଥକ୍ ପୃଥକ୍ ।।**

ଏଇଥିପାଇଁ ପଣ୍ଡିତ ନୀଳକଣ୍ଠ ଦାସ କହିଛନ୍ତି, ଜଗନ୍ନାଥଙ୍କ ଆଗରେ ଯେଉଁଠାରେ ଭୋଗ ବଢ଼ା ହୋଇ ମହାପ୍ରସାଦ ହୁଏ, ତାହାକୁ ଭୈରବୀ ଚକ୍ର ବୋଲି କହନ୍ତି । ସେଇଥି ପାଇଁ ପୁରୀକୁ ଭୈରବୀ ଚକ୍ରପୀଠ ବା ତନ୍ତ୍ରପୀଠ କୁହାଯାଏ । ଉପରୋକ୍ତ ଆଲୋଚନାମାନଙ୍କରୁ ଦେଖାଯିବ ଯେ, ଜଗନ୍ନାଥ ମନ୍ଦିରରେ ମହାପ୍ରସାଦ ସେବାର ଯେଉଁ ପରଂପରା ରହିଛି, ତାହା ବଜ୍ରଯାନ ଆଶ୍ରିତ ତାନ୍ତ୍ରିକ ପରଂପରା ଦ୍ୱାରା ପ୍ରଭାବିତ ଓ ପରିଚାଳିତ । ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଇନ୍ଦ୍ରଭୂତିଙ୍କ ଦ୍ୱାରା ବୌଦ୍ଧ ତନ୍ତ୍ରଯାନ କାଳକ୍ରମେ ବଜ୍ରଯାନରେ ରୂପାନ୍ତରିତ ହେଲା । ସେହି ବଜ୍ରଯାନରୁ ସୃଷ୍ଟିହେଲା ସହଜଯାନ । ତେଣୁ ଏହି ବଜ୍ରଯାନର ପ୍ରଭାବ ଫଳରେ ଶ୍ରୀଜଗନ୍ନାଥଙ୍କ ପୀଠରେ ତାନ୍ତ୍ରିକ ପ୍ରଭାବ ପରିଲକ୍ଷିତ ହେଲା । ଏତଦ୍‌ବ୍ୟତୀତ ଜଗନ୍ନାଥ ଆଦିବାସୀ ଶବରମାନଙ୍କ ଦେବତା ହୋଇଥିବା ଦୃଷ୍ଟିରୁ ଶାବରୀ ତନ୍ତ୍ରର ଅନେକ ପ୍ରଭାବ ମଧ୍ୟ ଜଗନ୍ନାଥ ଉପାସନାରେ ଦେଖିବାକୁ ମିଳେ । ଜଗନ୍ନାଥଙ୍କ ପାଖରେ ଅର୍ପିତ ମହାପ୍ରସାଦକୁ ଅବଢ଼ା କୁହାଯାଏ । ଆଦିବାସୀ ଶବର ବା ସଉରା ଭାଷାରେ ଆବ - ଆଡ଼ା ଅର୍ଥାତ୍ ପାଣିରେ ସିଝାଇବା ଅର୍ଥକୁ ଆବଡ଼ା - ଅବଢ଼ା ବା ଅଭଡ଼ା କହନ୍ତି ।[୫] ସୁତରାଂ ଜଗନ୍ନାଥ ମନ୍ଦିରରେ ନୈବେଦ୍ୟ

ଅନ୍ନମହାପ୍ରସାଦ ପାଣିରେ ସିଝାଯାଇ ପ୍ରସ୍ତୁତ କରାଯାଉଥିବାରୁ ତାହାକୁ ଆବ୍-ଆଡ଼ା ବା ଅବଡ଼ା - ଅବଡ଼ା ବା ଅବଢ଼ା କୁହାଯାଏ । ତେଣୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶକ୍ରମେ ସୋମବଂଶୀ ଯଯାତି କେଶରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ଅନ୍ନଭୋଗର ବ୍ୟବସ୍ଥା କରିଥିଲେ । ଏହି ବ୍ୟବସ୍ଥା ଆଦିବାସୀ ଶାବରୀ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇଥିବାର ଜଣାପଡ଼େ । ଓଡ଼ ଶାବର ସଂସ୍କୃତି ମତରେ ଦିଅଁଙ୍କୁ ନଳବିଧି ରାନ୍ଧଣାର ପାକସିଦ୍ଧ ଅନ୍ନ 'ମେଞ୍ଜନ' ଭିନ୍ନେ ପୁଣି 'ମାଏଁସ' କି ଅନ୍ୟ କୌଣସି ଦରବ ନିଆଁରେ ପୋଡ଼ି ଅର୍ପଣ କରାଯାଇଥାଏ । କେବଳ ଅନ୍ନପ୍ରସାଦ ନୁହେଁ, ସଂକ୍ରାନ୍ତି ଆଦି କେତେକ ଦିନେ ଶ୍ରୀମନ୍ଦିରରେ ଅନ୍ନ ଦିଗବଳି ଦେବା ବ୍ୟବସ୍ଥା ଏ ଦିଗରେ ଲକ୍ଷଣୀୟ । ଏମନ୍ତ ପୋଡ଼ା ରାନ୍ଧଣାକୁ ଓଡ଼ ଶୂଦ୍ରମୁନି ସାରଳା ଦାସ ଶଉରୀ ବିଧି ରାନ୍ଧଣା ଏବଂ ନୀଳମାଧବ ପୂର୍ବାବସ୍ଥାର ଶବରୀ ନାରାୟଣ ରୂପେ ପୂଜିତ ହେବା କାଳେ ମହାପ୍ରଭୁଙ୍କୁ ତାଙ୍କ ବିବାହିତ ଶବରବାଳା ଶ୍ରୀୟା ବା ଶିରିଆ ଶିରିପୁର ଠାରେ ଏପରି ରାନ୍ଧଣା ଖୁଆଇଥିବା କୁହାଯାଏ । ଶିରିପୁରର ଶବରୀନାରାୟଣଙ୍କ ଆଦି ସେବକ ଶଉରାଗଣ କହନ୍ତି କି ତାଙ୍କ ଆଦି ମହାପ୍ରଭୁ ସେଠାରୁ ପୁରୀ ଧାମକୁ ଚାଲିଯାଇ ବର୍ତ୍ତମାନ ସେଠା ଶ୍ରୀମନ୍ଦିରର ଜଗନ୍ନାଥ ବୋଲାଉଛନ୍ତି ।[୬]

ଯଯାତି କେଶରୀ ପୁରୀରେ ଜଗନ୍ନାଥଙ୍କୁ ପ୍ରତିଷ୍ଠା କରିବା ପୂର୍ବରୁ ଜଗନ୍ନାଥଙ୍କ ପୂଜା ଉପାସନାର ଯେ ବଳିଷ୍ଠ ପରଂପରା ରହିଥିଲା, ସେ ବିଷୟରେ ସେ ନିଶ୍ଚିତ ଭାବେ ଅବହିତ ଥିବେ । ସେ ସମୟକୁ ଜଗନ୍ନାଥ ଜଣେ ରାଷ୍ଟ୍ର ଦେବତାର ସମ୍ମାନ ଓ ସ୍ୱୀକୃତି ପାଇସାରିଥିଲେ । ସୁତରାଂ ତାଙ୍କ ପୂଜା ଉପାସନାର ପୁନଃ ପ୍ରଚଳନ କଲାବେଳେ ସେହି ବଳିଷ୍ଠ ପରଂପରାର ଧାରାକୁ ସେ ଉଲ୍ଲଂଘନ କରିବା ଉଚିତ୍ ମନେ କରି ନଥିବେ । ଅପରପକ୍ଷେ ଏହା ତାହାଙ୍କ ରାଜନୈତିକ ଉଦ୍ଦେଶ୍ୟ ପୂରଣ କରିବାରେ ସାହାଯ୍ୟ କରିଥିବ । ମହାପ୍ରସାଦ ସେବନରେ ଜାତିବର୍ଣ୍ଣ ନିର୍ବିଶେଷରେ ଏକତ୍ର ଭୋଜନ କରିବାର ଯେଉଁ ପରଂପରା ସେ ପ୍ରଚଳନ କରିଥିଲେ, ତାହା ରାଜ୍ୟର ପ୍ରଜାମାନଙ୍କ ଭିତରେ ଐକ୍ୟଭାବ ସୃଷ୍ଟି କରିବାରେ ସାହାଯ୍ୟ କରିଥିବ । ସୁତରାଂ ଏହାଦ୍ୱାରା ପୂର୍ବରୁ ପ୍ରଚଳିତ ଏକ ବଳିଷ୍ଠ ପରଂପରାକୁ ସମ୍ମାନ ଓ ସ୍ୱୀକୃତି ଦେବା ସଂଗେ ସଂଗେ ସେ ନିଜ ରାଜନୈତିକ ଉଦ୍ଦେଶ୍ୟ ପୂରଣ ଦିଗରେ ସକ୍ଷମ ହୋଇଥିବେ ।

## ମାହାରୀ ସେବା

ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରବର୍ତ୍ତିତ ବିଭିନ୍ନ ବିଧିବିଧାନ ମଧ୍ୟରେ ମାହାରୀସେବା ଅନ୍ୟତମ । ଏହି ସେବା ସଂପର୍କରେ କର୍ମାଙ୍ଗୀରେ ନିମ୍ନଲିଖିତ ମତେ ଉଲ୍ଲେଖ ଅଛି - 'ବାହାର ନିଯୋଗ ଦର୍ଶନକୁ ଜୟ ବିଜୟ ଦ୍ୱାର ନ ଡେ଼ଇଁବେ । ଭିତର ଗାହାଣି ପାଳିଆ କଳାଘାଟ ଦୁଆର ପର୍ଯ୍ୟନ୍ତକେ ଯିବେ । ଏ ବିଭାଘରରେ ମଂଗଳଗୀତ ପଢ଼ିବେ । ଚମ୍ପକ ଦ୍ୱାଦଶୀ ଗୁଆଲି ପଟୁଆରରେ ଯିବେ । ରଥରେ ପରମେଶ୍ୱରଙ୍କ ବାହୁଡ଼ା କାଳେ ପରମଲକ୍ଷ୍ମୀଙ୍କ ପଟୁଆରରେ ଯିବେ । ମହାଲକ୍ଷ୍ମୀ ଯହିଁ ତହିଁ ବିଜେ ହେଲେ ଏ ଛଳ କରି ଗମିବେ, ମଙ୍ଗଳ ପଢ଼ିବେ । ନିତ୍ୟ ପହୁଡ଼ ସମୟେ କଳାଘାଟ ଦ୍ୱାରେ ଗୀତ ଗାଇବେ । ନିତ୍ୟାନି ଧୂପ ସମୟେ ଗରୁଡ଼ ଆଗେ ଅଳସୀ ନାଚ ନାଚିବେ । ଷୋଳପୂଜାରେ ବିମ୍ଳାଇଙ୍କ ମଣ୍ଡପେ ନାଚିବେ । ଚାପ ପଟୁଆରରେ ନାଚିବେ । ମହାପ୍ରଭୁଙ୍କ ଚାପରେ ନିତ୍ୟାନି ନାଚିବେ । ଏ ପରଅଙ୍ଗ ନ ଛୁଇଁବେ । ସେବକ ଗମିଲେ ଓଳଗି ହେବେ । ଅପରକୁ ଓଳଗି ନ ହେବେ । XXX ବାହୁଡ଼ା ବିଜେ କାଳେ ବଚନିକା କରିବେ । ସେବକ ଘରେ ଉତ୍ସବ ହେଲେ ମଙ୍ଗଳ ଗାଇବେ । କଉଡ଼ି ଦେବେ । ପରମେଶ୍ୱରଙ୍କ ପ୍ରାୟେ ମହାଶ୍ରମଙ୍କ ନଅରରେ ଖଟିବେ । ବିଜେ ଆବର ତୁଲାଇବେ ।'[୭] ଏହି ମାହାରୀମାନଙ୍କର ଆଚରଣ ବିଧି ସଂପର୍କରେ 'ଦେବଦାସୀ ପ୍ରଥା' ଶୀର୍ଷକ ପ୍ରବନ୍ଧରେ ଗବେଷକ କେଦାରନାଥ ମହାପାତ୍ର ଉଲ୍ଲେଖ କରିଛନ୍ତି, 'ମାହାରୀ ସେବକେ କାହା ସଙ୍ଗେ ଅଙ୍ଗ ସଙ୍ଗ ନ ହେବେ । ଅନ୍ୟ ଯାତ୍ରାରେ ନ ଗମିବେ । ଗଙ୍ଗା ମାତା ମଠୁ, କୁଞ୍ଜ ମଠୁ ରଥ ସାମନ୍ତଠାରୁ ଦୀକ୍ଷା ନେଇ କଳି ତିଳକ ନେବେ । ପାଳି ଦିନେ ଘରେ ପାକ ନ କରିବେ । ବହୁତ ଲୁଗା ନ ପିନ୍ଧିବେ । ତୁଳସୀ କଣ୍ଠି ଗଳାରେ ବାନ୍ଧିବେ । ଶାସ୍ତ୍ର ପ୍ରମାଣେ ନୃତ୍ୟ କରିବେ । ନୃତ୍ୟକାଳେ ଯାତ୍ରୀ ଦର୍ଶନିୟାଙ୍କୁ ନ ଚାହିଁବେ । ପରମେଶ୍ୱରଙ୍କ ଦାସୀ ତୁଲ୍ୟ ଚଳିବେ । ଶୂଦ୍ର ଅଙ୍ଗ ନ ଛୁଇଁବେ । ସେବା ଖଟଣି ପାଳି ଦିନ ପୁରୁଷକୁ ବଚନ ନ କହିବେ । ମୀନ ନାହାକ ଜାଣି ଖଟାଇବ । ନାଚୁଣି, ଗାଉଣି ସେବାକାଳେ ବିକଳ ନ କରିବ । ସ୍ୱରଭଂଗ ନ କରିବ । ପହପଟ, ସରିମାଳ, ହରଚଣ୍ଡୀ, ମାଳଶ୍ରୀ, ଚନ୍ଦନଝୁଲା, ଶ୍ରୀମଙ୍ଗଳ ବଚନିକା, ଝୁଟି ଆଠତାଳି ଗୀତଗୋବିନ୍ଦ କାବ୍ୟ ଭାରଣୀ କରିବେ ।[୮] ଏହି ମାହାରୀ ସେବା ସଂପର୍କରେ

ସ୍ୱତ୍ୱଲିପିର ୭୫ ଓ ୭୬ ସଂଖ୍ୟାରେ ଭିତର ଗାଆଣି ଦେବଦାସୀ ଓ ସଂପ୍ରଦା ନିଯୋଗ ସେବା ଆଲୋଚନା ପ୍ରସଙ୍ଗରେ ଉଲ୍ଲିଖିତ ଅଛି ।[୯]

ଉପରୋକ୍ତ ବିବରଣୀରୁ ଜଣାଯାଏ ଯେ ଏହି ମାହାରୀମାନେ ଏକ ଗାଆଣି ସଂପ୍ରଦାୟ ଓ ଏମାନଙ୍କର ସେବା ସ୍ୱତ୍ୱଲିପିରେ ସ୍ୱୀକୃତ ଓ ଏମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଖେଇ ଖଞ୍ଜାର ବ୍ୟବସ୍ଥା ରହିଅଛି । ଦିଅଁଙ୍କ ସମ୍ମୁଖରେ ଗୀତ ଗାନ କରିବା ସଂଗେ ସଂଗେ କେତେକ କ୍ଷେତ୍ରରେ ନୃତ୍ୟ କରିବା ମଧ୍ୟ ଏମାନଙ୍କ ସେବାର ଅନ୍ତର୍ଭୁକ୍ତ । ଶ୍ରୀମନ୍ଦିର ସେବା ବ୍ୟବସ୍ଥାରେ ଏହି ମାହାରୀ ଏକମାତ୍ର ନାରୀ ପ୍ରତିନିଧି । ଏମାନେ ଏକ ନିର୍ଦ୍ଦିଷ୍ଟ ଶାସ୍ତ୍ରୀୟ ପଦ୍ଧତିରେ ଗୀତ ନୃତ୍ୟ କରିଥାନ୍ତି । ଏହି ସେବା ଶ୍ରୀମନ୍ଦିରରେ କେବେ ପ୍ରଚଳିତ ହେଲା, ସେ ସଂପର୍କରେ ଭିନ୍ନ ମତ ରହିଅଛି । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ଗଙ୍ଗବଂଶୀ ଚୋଡ଼ଗଙ୍ଗଦେବ ବା ତାହାଙ୍କର ପୁତ୍ର ବା ନାତିମାନେ ଏହି ବ୍ୟବସ୍ଥାକୁ ଦାକ୍ଷିଣାତ୍ୟରୁ ଆଣି ଓଡ଼ିଶାରେ ପ୍ରଚଳନ କରାଇଥିଲେ ।[୧୦] ଅନ୍ୟ କେତେକ ଗବେଷକଙ୍କ ମତରେ ଏହା ଏକ ବୌଦ୍ଧ ପରଂପରା । ବୌଦ୍ଧ ବିହାରମାନଙ୍କରେ ସେତେବେଳେ ଥେରି ନିଯୁକ୍ତ ହେଉଥିଲେ ।[୧୧] ସୋମବଂଶୀ ଯଯାତି କେଶରୀଙ୍କ ରାଜତ୍ୱ କାଳରେ ଶ୍ରୀଜଗନ୍ନାଥଙ୍କ ଉପାସନାରେ ବୌଦ୍ଧତନ୍ତ୍ରର ପ୍ରଭାବ ଅନୁଭୂତ ହେଉଥିବାରୁ ଏହି ଥେରି ବା ଦେବଦାସୀ ପ୍ରଥାର ପ୍ରଚଳନ ସେହି ସମୟରୁ ଶ୍ରୀମନ୍ଦିରରେ ହୋଇଥିବା ସମ୍ଭବପର ।[୧୨] ପ୍ରତାପରୁଦ୍ର ଦେବଙ୍କ ପୂର୍ବରୁ ମାହାରୀମାନଙ୍କ ଦ୍ୱାରା ହେଉଥିବା ନୃତ୍ୟଗୀତର ରୂପରେଖ କ'ଣ ଥିଲା, ତାହା ନିର୍ଦ୍ଦିଷ୍ଟ ଭାବେ କୌଣସି ଠାରେ ଉଲ୍ଲେଖ ନାହିଁ । ମାତ୍ର କୌଣସି କାରଣରୁ ପ୍ରତାପରୁଦ୍ର ଦେବ (ଖ୍ରୀ:ଅ ୧୪୯୬-୧୫୩୨) ଏଥିରେ ଏକ ସଂସ୍କାର ଆଣିଥିଲେ । ଯେପରି - 'ବୀର ଶ୍ରୀ ଗଜପତି XXX ପ୍ରତାପ ଶ୍ରୀ ପ୍ରତାପରୁଦ୍ର ଦେବ XXX ସମସ୍ତ ୪ ଅଙ୍କ XXX ଆଜ୍ଞା ପ୍ରମାଣେ ବଡ଼ ଠାକୁରଙ୍କ ବେଳେ ଗୀତ ଗୋବିନ୍ଦ ପାଠ ହୋଇବ । ସଞ୍ଜ ଧୂପ ଠାରୁ ବଡ଼ସିଂହାର ପର୍ଯ୍ୟନ୍ତ XXX ଆନ ଗୀତ ନ ଗାଇବେ XXX ଆନ ନାଚ ପରମେଶ୍ୱରଙ୍କ ଛାମୁରେ ନ ହୋଇବ XXX ବୈରାଗୀ ଉନ ପଚାଶ ଜଣ ଅଛନ୍ତି । ଏମାନେ ଗୀତ ଗୋବିନ୍ଦ ଗୀତ ହିଁ ଗାଇବେ । ଏହାଙ୍କ ଠାରୁ ଅଶିକ୍ଷିତମାନେ ଶୁଣି ଗୀତ ଗୋବିନ୍ଦ ଗାଇବେ । ଆନ ଗୀତ ସେ ନ ଶିଖିବେ ।'[୧୩] ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାର ବାମପାର୍ଶ୍ୱରେ ଏହି ଶିଳାଲେଖଟି ଖୋଦିତ ହୋଇଛି । କିନ୍ତୁ ଗଜପତି ପ୍ରତାପରୁଦ୍ର ଦେବଙ୍କ ଉପରୋକ୍ତ ଶିଳାଲେଖର ପଞ୍ଚମ ଓ ଷଷ୍ଠ ପଙ୍‌କ୍ତିରେ ଉଲ୍ଲେଖ ଅଛି, 'ନାଚଣୀମାନେ ପୁରୁଣା ସଂପରଦା, ତେଲେଙ୍ଗା ସଂପରଦା ଏମାନେ ସଭି ହେଁ ବଡ଼ଠାକୁରଙ୍କ ଗୀତଗୋବିନ୍ଦ ହୁଁ ଆନଗୀତ ନ ଶିଖିବେ, ଆନଗୀତ ନ ଗାଇବେ, ଆନ ନାଟ ହୋଇ ପରମେଶ୍ୱରଙ୍କ ଛାମୁରେ ନ ହବ ।'[୧୪] ଏଥିରୁ ଜଣାଯାଏ ଯେ ଚୋଡ଼ଗଙ୍ଗ ଦେବଙ୍କ ସମୟରୁ ପ୍ରବର୍ତ୍ତିତ ତେଲେଙ୍ଗା ସଂପ୍ରଦାୟ ନାଚ ପୂର୍ବରୁ 'ପୁରୁଣା ନାଚଣୀ ସଂପ୍ରଦାୟ' ଜଗନ୍ନାଥଙ୍କ ସେବାରେ ନିଯୋଜିତ ଥିଲେ । ସମ୍ଭବତଃ ଏମାନେ ସୋମବଂଶୀ ଯଯାତିକେଶରୀଙ୍କ ସମୟରୁ ଦିଅଁଙ୍କ ସେବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ । କେତେକ ଗବେଷକଙ୍କ ମତରେ ଜଗନ୍ନାଥ ତନ୍ତ୍ରର ଦେବତା ହୋଇଥିବାରୁ ଏହି ମାହାରୀମାନେ ପଞ୍ଚମକାର ପୂଜାରେ ମୈଥୁନର ପ୍ରତିନିଧିତ୍ୱ କରନ୍ତି ।[୧୫] ସେମାନଙ୍କ ମତାନୁସାରେ ଶ୍ରୀମନ୍ଦିରର ପଶ୍ଚିମଦ୍ୱାରକୁ ତନ୍ତ୍ରଦ୍ୱାର କୁହାଯାଏ । ଏହି ଦ୍ୱାର ଦେଇ ମାହାରୀମାନେ ଶ୍ରୀମନ୍ଦିରକୁ ଯିବା ଆସିବା କରନ୍ତି । ଚନ୍ଦନ ଯାତ୍ରାର ୪୨ ଦିନ ଆଲଟ ଲାଗି ବେଳେ ସେମାନଙ୍କର ଏକ ବିଶେଷ ସେବା ରହିଛି । ଏହି ୪୨ ଦିନ ମୁଣ୍ଡରେ ସିନ୍ଦୂର, ଆଖିରେ କଜ୍ଜଳ, ମଥାରେ ସୁବାସ ଫୁଲ ନାଇ ଭିତର ଗାଆଣି ଗୁପ୍ତସେବା କରନ୍ତି ।[୧୬] ମାର୍ଗାଲିନ୍‌ଙ୍କ ମତରେ ଏମାନେ ସିନ୍ଦୂର ନ ଲଗାଇ କେବଳ ଶିରିଦେଇ, ଅଳତା, ବାସ୍ନାତେଲ ଓ ବାସ୍ନାଫୁଲ ନ ଲଗାଇ, ଶବ୍ଦ ନ ହେବା ପାଇଁ ଅଳଙ୍କାର ନପିନ୍ଧି କଳାହାଟ ଦ୍ୱାରରେ ପହଁଞ୍ଚିବା ପରେ ଶରୀରର ଉପର ଭାଗରୁ ବସ୍ତ୍ର କାଢ଼ି ଦେଇ ଅର୍ଦ୍ଧନଗ୍ନ ଅବସ୍ଥାରେ ଏହି ଗୋପନ ସେବା କରିଥାନ୍ତି ।[୧୭] ପଞ୍ଚମକାର ପୂଜାର ମୈଥୁନ ଉପଚାର ପାଇଁ ଏହି ଦେବଦାସୀ ବା ମାହାରୀମାନେ ଶ୍ରୀମନ୍ଦିରରେ ଚକ୍ରପୂଜାର ଶକ୍ତି ରୂପେ ବ୍ୟବହୃତ ହୁଅନ୍ତି ବୋଲି ଗବେଷକମାନେ ମତ ଦିଅନ୍ତି । ଏଠାରେ ଉଲ୍ଲେଖନୀୟ ଯେ, ଭୈରବରୂପୀ ଜଗନ୍ନାଥ ରତ୍ନବେଦୀ ଉପରେ ଏକ ଚକ୍ର ଉପରେ ପୂଜିତ ହୁଅନ୍ତି ଏବଂ ଭୈରବୀରୂପୀ ବିମଳାଙ୍କ ମନ୍ଦିରରେ ମଧ୍ୟ ଏହି ଦେବଦାସୀ ବା ମାହାରୀମାନଙ୍କର ଏକ ନିର୍ଦ୍ଦିଷ୍ଟ ସେବା ରହିଛି ।

**ପାଦଟୀକା :**


୧. ଦାଶ, ସୂର୍ଯ୍ୟନାରାୟଣ-ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ, ପ୍ରକାଶନ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ -୨ ୧୯୮୨, ପୃ ୧-୨

୨. ମିଶ୍ର, ପୂର୍ଣ୍ଣଚନ୍ଦ୍ର - ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ in ଶ୍ରୀକ୍ଷେତ୍ର : ଶ୍ରୀଜଗନ୍ନାଥ, ପ୍ରଥମ ସ୍ତବକ, ସଂପାଦନା : ଉତ୍କଳ ପାଠକ ସଂସଦ, ପ୍ରକାଶନ: ଓଡ଼ିଶା ବୁକ୍‌ଷ୍ଟୋର, କଟକ-୨, ୧୯୮୬, ପୃ.୨୧୮

୩. Jagannath Temple Correspondance for the year 1804 to 1932, Vol.I. Board of Revenue, Orissa, Cuttack, PP.72-73, PP.133-135.

୪. Pradhan, Prahllad - Presidential Address at the 2nd General Conference of International Association of Buddhist Studies at Nalanda, 1980 in ଅନାମ-୧୯, ମେ' ୧୯୮୩, ସଂପାଦନା ଓ ପ୍ରକାଶନ : ଗୋକୁଳବିହାରୀ ମହାନ୍ତି,ନୀଳଦୀପ, ଇଦ୍‌ଗା ଛକ, କଟକ-୮ ପୃ. ୧୧-୧୨

୫. ମିଶ୍ର, ହରପ୍ରସାଦ - ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା ରହସ୍ୟ, ଝଙ୍କାର - ୩୭ ବର୍ଷ, ଏକାଦଶ ସଂଖ୍ୟା, ଫେବୃୟାରୀ, ୧୯୮୬, ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ, ପୃ. ୯୧୯

୬. ଅନାମ - ୧୯, ସଂପା: ଗୋକୁଳ ବିହାରୀ ମହାନ୍ତି, ମେ' ୧୯୮୩, କଟକ -୮, ପୃ. ୧୭,୧୮

୭. ଶ୍ରୀ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ମନ୍ଦିର ସେବକ ଖଟଣି ନିଯୋଗ କର୍ମାଙ୍ଗୀ in ଅନାମ' - ୧୯, ମେ' ୧୯୮୩, ସଂପାଦନା ଓ ପ୍ରକାଶନ: ଗୋକୁଳ ବିହାରୀ ମହାନ୍ତି, ପୃ. ୧୫୨

୮. Mahapatra, Kedarnath - The Mahari Seba in the Jagannath Temple, Souvenir, Bhubaneswar, 1988, P. 31.

୯. Extra Ordinary The Orissa Gazette, Vol.II, No. 205, 3.9.1956, Cuttack, Monday, Record of Rights, Puri Shri Jagannath Temple Act, 1952, Pt. III, PP. 42-43 & 48-49.

୧୦.ଦାଶ, ପଣ୍ଡିତ ନୀଳକଣ୍ଠ-ଓଡ଼ିଆ ସାହିତ୍ୟର କ୍ରମ ପରିମାଣ (ପ୍ରଥମ ଭାଗ) in ନୀଳକଣ୍ଠ ଗ୍ରନ୍ଥାବଳୀ, ତୃତୀୟ ଖଣ୍ଡ, ପ୍ରକାଶକ : କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, ବାଲୁବଜାର, କଟକ-୨, ୧୯୬୭, ପୃ. ୧୯୫.

୧୧.Notes on Ratnagiri Plates of Somavamsi Karna in Epigraphia Indica, Vol. XXXVIII, Delhi, 1959-60, P.57

୧୨.Debadasi in Buddhist Temples in Epigraphia Indica, Vol. XXXV, Delhi, 1963-64, P.48

୧୩.ମାଦଳାପାଞ୍ଜି (ରାଜଭୋଗ ଇତିହାସ) ସଂପା: ଡ଼ଃ ଆର୍ତ୍ତବଲ୍ଲଭ ମହାନ୍ତି, କଟକ, ୧୯୫୬, ପୃ. ୧୪୨.

୧୪.ହୋତା, ଦାମୋଦର - ଭାରତୀୟ ସଂଗୀତ ଓ ତାର ପ୍ରବାହ in ରଙ୍ଗଭୂମି, ପ୍ରକାଶନ, ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର, ୧୯୮୩, ପୃ. ୧୭

୧୫.ମହାପାତ୍ର , ଶରତ ଚନ୍ଦ୍ର - ଶ୍ରୀମନ୍ଦିରରେ ମାହାରୀ ବା ଦେବଦାସୀ ସେବା in କୋଣାର୍କ. ୭୬ ତମ ସଂଖ୍ୟା, ୧୯୯୦, ପ୍ରକାଶନ : ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର - ୧୪ ପୃ, ୪୨.

୧୬.ଜଗନ୍ନାଥଙ୍କ ପତ୍ନୀ ଦେବଦାସୀ in ସମ୍ବାଦ ୧୬.୧୦.୧୯୮୬, ଇଷ୍ଟର୍ଣ୍ଣ ମିଡ଼ିଆ ସର୍ଭିସ, ଭୁବନେଶ୍ୱର

୧୭.Morglin, F.A. - Wives of the God king, Delhi, 1985, Pp. 227-233.

❏❏❏

**ବରିଷ୍ଠ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ,**
**ବି.ଜେ.ବି. (ସ୍ୱୟଂଶାସିତ) ମହାବିଦ୍ୟାଳୟ**
**ଭୁବନେଶ୍ୱର**

*ପଢ଼ନ୍ତୁ !* *ପଢ଼ନ୍ତୁ !!*

ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରତିମାସ ସଂକ୍ରାନ୍ତି ଅବସରରେ ପ୍ରକାଶିତ

# ଶ୍ରୀମନ୍ଦିର ସମାଚାର

**ପ୍ରାପ୍ତିସ୍ଥାନ : ଶ୍ରୀମନ୍ଦିରର ସମସ୍ତ ସୂଚନା କେନ୍ଦ୍ର**

**ମୂଲ୍ୟ - ଏକ ଟଙ୍କା ମାତ୍ର**